# NATIONAL NEWS BULLETIN (ODIA)
## 23 September - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ରାଷ୍ଟ୍ରମୁଖ୍ୟମାନଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ରୂପାନ୍ତରିତ ଭାରତ 'ଡିଜିଟାଲ ଇଣ୍ଡିଆ' ଭିଜନ୍‌ର ଅଂଶ ବୋଲି କହିଲେ ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ।
- ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଦଶମ ସମ୍ମିଳନୀ ଆଜି ଠାରୁ ନୂଆଦିଲ୍ଲୀରେ ଆରମ୍ଭ।
- ଜାମ୍ମୁ କାଶ୍ମୀର ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରଚାର ଶେଷ।

ଏବଂ

- ଇସ୍ରାଏଲ ଆକ୍ରମଣରେ' ଲେବାନନରେ ୧୦୦ ମୃତ; ୪୦୦ରୁ ଊର୍ଦ୍ଧ୍ୱ ଆହତ।

# ପିଏମ୍-ବାଇଲେଟ୍ରିଆଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ନ୍ୟୁୟର୍କରେ ଜାତିସଂଘର ୭୯ତମ ସାଧାରଣ ପରିଷଦ ଅଧିବେଶନ ଅବସରରେ ନେପାଳ ପ୍ରଧାନମନ୍ତ୍ରୀ, କୁଏତ କ୍ରାଉନ ପ୍ରିନ୍ସ ଏବଂ ପାଲେଷ୍ଟାଇନ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି ।

ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ଭାରତ ଓ ନେପାଳ ମଧ୍ୟରେ ଅନନ୍ୟ ଏବଂ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଛନ୍ତି। ବିକାଶ ଭାଗିଦାରୀ, ଜଳବିଦ୍ୟୁତ ସହଯୋଗ, ଲୋକଙ୍କ ମଧ୍ୟରେ ସମ୍ପର୍କ ଏବଂ ଭୌତିକ, ଡିଜିଟାଲ ଓ ଶକ୍ତି କ୍ଷେତ୍ରରେ ଯୋଗାଯୋଗ ବୃଦ୍ଧି ସମେତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଉପରେ ଉଭୟ ଆଲୋଚନାବେଳେ ସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ତର୍ଜାତୀୟ ସୌର ମେଣ୍ଟରେ ନେପାଳ ପୂର୍ଣ୍ଣ ସଦସ୍ୟ ଭାବରେ ସାମିଲ ହୋଇଥିବା ୧୦୧ତମ ଦେଶ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜଳବାୟୁ ପରିବର୍ତ୍ତନ ଆହ୍ୱାନର ଆଞ୍ଚଳିକ ପ୍ରତିକ୍ରିୟା ଉପରେ ଉଭୟ ଗୁରୁତ୍ୱାରୋପ କରିଥିଲେ । ପଡ଼ୋଶୀ ପ୍ରଥମ ନୀତି ଅଧୀନରେ ନେପାଳ ଭାରତର ଏକ ପ୍ରାଥମିକ ଅଂଶୀଦାର।

ବୈଠକରେ ଭାରତର ପଡ଼ୋଶୀ ପ୍ରଥମ ନୀତିକୁ ଆଗକୁ ବଢ଼ାଇବା ପାଇଁ ଭାରତ ଓ ନେପାଳ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଭାବବିନିମୟ ପରମ୍ପରା ଜାରି ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୁଏତର କ୍ରାଉନ୍ ପ୍ରିନ୍ସ ଶେଖ୍ ସବା ଖାଲିଦ୍ ଅଲ୍-ହମାଦ ଅଲ୍-ସବାଙ୍କୁ ଭେଟି ଆଲୋଚନା କରିଛନ୍ତି । କୁଏତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି । ଉଭୟ ନେତା ଦୁଇ ଦେଶ ମଧ୍ୟରେ ସୁଦୃଢ଼ ଐତିହାସିକ ସମ୍ପର୍କ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସ୍ମରଣ କରିଥିଲେ । ଶକ୍ତି ଏବଂ ଖାଦ୍ୟ ନିରାପତ୍ତା ଆବଶ୍ୟକତାକୁ ନେଇ ଦୁଇ ଦେଶ ପରସ୍ପରକୁ ସହଯୋଗ କରୁଥିବାରୁ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଦେଶର ସର୍ବବୃହତ ପ୍ରବାସୀ ଗୋଷ୍ଠୀ କୁଏତରେ ଭାରତୀୟ ସମ୍ପ୍ରଦାୟର କଲ୍ୟାଣ ସୁନିଶ୍ଚିତ କରିଥିବାରୁ ପ୍ରଧାନମନ୍ତ୍ରୀ କ୍ରାଉନ୍ ପ୍ରିନ୍ସଙ୍କୁ ଧନ୍ୟବାଦ ଜଣାଇଥିଲେ ।

ପାଲେଷ୍ଟାଇନର ରାଷ୍ଟ୍ରପତି ମହମ୍ମଦ ଆବାସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗାଜାରେ ଦେଖାଦେଇଥିବା ମାନବିକ ସଙ୍କଟ ଏବଂ ଏହି ଅଞ୍ଚଳର ସୁରକ୍ଷା ପରିସ୍ଥିତି ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପାଲେଷ୍ଟାଇନ୍‌କୁ ନିରନ୍ତର ମାନବିକ

ସହାୟତା ଏବଂ ଅତୁଟ ସମର୍ଥନକୁ ଦୋହରାଇଥିଲେ । ଇସ୍ରାଏଲ-ପାଲେଷ୍ଟାଇନ୍ ପ୍ରସଙ୍ଗରେ ଭାରତର ନୀତିଗତ ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ ଏବଂ ଅସ୍ତ୍ରବିରତି, ବନ୍ଧକମାନଙ୍କୁ ମୁକ୍ତ କରିବା ଓ କୂଟନୈତିକ ଆଲୋଚନା ପଥକୁ ଫେରିବା ପାଇଁ ଆହ୍ୱାନ ଦେଇଥିଲେ ।

## ପିଏମ୍- ୟୁଏସ୍ ସିଇଓ ରାଉଣ୍ଡଟେବୁଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନିଉୟର୍କଠାରେ ଆମେରିକାର ଶୀର୍ଷ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀମାନଙ୍କ ସହ ଏକ ଗୋଲ୍ ଟେବୁଲ୍ ବୈଠକରେ ଆଲୋଚନା କରିଛନ୍ତି। ଗୋଲ୍‌ଟେବୁଲ ବୈଠକ ପରେ ଗୁଗଲର ସିଇଓ ସୁନ୍ଦର ପିଚାଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୂପାନ୍ତରିତ ଭାରତ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହା ହେଉଛି ଡିଜିଟାଲ ଇଣ୍ଡିଆ ଭିଜନ ବୋଲି ସେ କହିଛନ୍ତି। ଶ୍ରୀ ପିଚାଇ କହିଛନ୍ତି, ଶ୍ରୀ ମୋଦି’ କମ୍ପାନୀଗୁଡ଼ିକୁ ଭାରତରେ ନିର୍ମାଣ ଏବଂ ଡିଜାଇନିଂ ଜାରି ରଖିବାକୁ ପ୍ରୋତ୍ସାହିତ କରିଛନ୍ତି। ସେ କହିଛନ୍ତି, ପିକ୍ସେଲ୍ ଫୋନ୍ ଭାରତରେ ନିର୍ମାଣ କରାଯାଉଥିବାରୁ ଗୁଗୁଲ୍ ଏଥିପାଇଁ ଗର୍ବିତ। ଶ୍ରୀ ପିଚାଇ କହିଛନ୍ତି, କୃତ୍ରିମ ବୁଦ୍ଧିମତା- ଏ.ଆଇ. ଭାରତକୁ ଏପରି ଭାବରେ ରୂପାନ୍ତରିତ କରିପାରିବ ଯାହା ଦେଶର ଲୋକମାନଙ୍କ ପାଇଁ ଲାଭଦାୟକ ହେବ ବୋଲି ଶ୍ରୀ ମୋଦୀ ଚିନ୍ତା କରୁଛନ୍ତି। ଡାଟା ସେଣ୍ଟର, ଶକ୍ତି ଏବଂ ପୁଞ୍ଜିନିବେଶ ଆଦି କ୍ଷେତ୍ରରେ ଭାରତର ପରିବର୍ତ୍ତନକୁ ସୁନିଶ୍ଚିତ କରିବା ପାଇଁ ଶ୍ରୀ ମୋଦୀ ଭିତ୍ତିଭୂମି ବିଷୟରେ ଚିନ୍ତା କରୁଛନ୍ତି। ଶ୍ରୀ ପିଚାଇ

କହିଛନ୍ତି, ଗୁଗଲ ଅନେକ କାର୍ଯ୍ୟକ୍ରମ ଏବଂ ଭାଗିଦାରୀ ସ୍ଥାପନ କରିଛି। ଗୁଗଲ ସିଇଓ କହିଛନ୍ତି ଯେ, ଏ.ଆଇ ଯେଉଁ ସୁଯୋଗ ସୃଷ୍ଟି କରିବ ସେ ଦୃଷ୍ଟିରୁ ମୋଦୀଙ୍କର ଏକ ସ୍ୱଷ୍ଟ ଦୃଷ୍ଟିକୋଣ ରହିଛି।

# ପାର୍ଲିଆମେଣ୍ଟ କନଫରେନ୍ସ

ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଦଶମ ସମ୍ମିଳନୀ ଆଜି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଭାରତ ଆଞ୍ଚଳିକ ଶାଖାର ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଅଧ୍ୟକ୍ଷ ଥିବା ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୬ ଜଣ ପ୍ରିଜାଇଡିଂ ଅଫିସର, ୪ ଜଣ ଅଧ୍ୟକ୍ଷ, ୨୫ ଜଣ ବାଚସ୍ପତି, ୩ ଜଣ ଉପାଧ୍ୟକ୍ଷ ଏବଂ ୧୪ ଜଣ ଉପବାଚସ୍ପତିଙ୍କ ସମେତ ସେମାନଙ୍କର ପ୍ରମୁଖ ସଚିବ, ସଚିବ ଏବଂ ତାଙ୍କ ସହ ଥିବା ଅଧିକାରୀମାନେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ନିରନ୍ତର ଏବଂ ସମାବେଶୀ ବିକାଶ ହାସଲରେ ବିଧାନ ପରିଷଦର ଭୂମିକା' ।

ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଧାନସଭାଗୁଡ଼ିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯୋଗାଯୋଗ ପ୍ରଯୁକ୍ତି ଏବଂ ମାଧ୍ୟମ ଲୋକଙ୍କ ଜୀବନର ଅଂଶ ପାଲଟିଥିବାରୁ ସମସ୍ତେ

ମିଳିମିଶି ଦେଶର ବିଧାନସଭାଗୁଡ଼ିକୁ ଏକ ନୂତନ ଦୃଷ୍ଟିକୋଣ ଦେବା ଉଚିତ, ଯାହାଦ୍ୱାରା ବିକାଶର ସୁଫଳରୁ ବଞ୍ଚିତ ଲୋକଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଅଣାଯାଇପାରିବ ବୋଲି ଶ୍ରୀ ବିର୍ଲା ଆଶାବ୍ୟକ୍ତ କରିଛନ୍ତି ।

## ଜେକେ କ୍ୟାମ୍ପେନ୍

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ସନ୍ଧ୍ୟାରେ ପ୍ରଚାରକାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୫ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ଲାଗି ଆସନ୍ତା ୨୫ ତାରିଖରେ ମତଦାନ ଗ୍ରହଣ କରାଯିବ । ଜାମ୍ମୁ ଅଞ୍ଚଳର ରିୟାସୀ, ରାଜୌରୀ ଏବଂ ପୁଞ୍ଚ୍, କାଶ୍ମୀର ଘାଟୀର ଶ୍ରୀନଗର ଏବଂ ବଡ଼ଗାମ୍ ଜିଲ୍ଲା, ଜାମ୍ମୁ ସମ୍ଭାଗର ରାଜୌରୀ, ପୁଞ୍ଚ୍ ଏବଂ ରିୟାସୀ ଜିଲ୍ଲାର ୧୧ଟି ବିଧାନସଭା ଆସନ ଲାଗି ମତଦାନ ହେବ । ଜାମ୍ମୁ-କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଲକ୍ଷ ୭୮ ହଜାରରୁ ଊର୍ଦ୍ଧ୍ୱ ଭୋଟର ୨୩୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ପ୍ରାୟ ୧ ଲକ୍ଷ ୨୦ ହଜାରରୁ ନୂଆ ଭୋଟର ସାମିଲ ହେବେ । ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ତିନୋଟି ପର୍ଯ୍ୟାୟରେ ନିର୍ବାଚନ କରାଯାଉଛି । ଭୋଟ୍ ଗଣନା ଅକ୍ଟୋବର ଆଠ ତାରିଖରେ କରାଯିବ ।

ଇତିମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ତୃତୀୟ ପର୍ଯ୍ୟାୟ

ମତଦାନ ଅକ୍ଟୋବରର ପହିଲାରେ ହେବ । ରାଜନୈତିକ ଦଳଗୁଡ଼ିକର ନେତାମାନେ ମତଦାତାମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କୁ ଭେଟ୍‌ଦେବା ନେଇ ର୍‌ୟାଲି ଏବଂ ରୋଡ୍ ଶୋ' କରୁଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ରାଷ୍ଟ୍ରୀୟ ପୋଷଣ ମାସ** ଶୀର୍ଷକ ଆଲୋଚନା ପ୍ରଚାର କରାଯିବ । ପୋଷଣ ସମ୍ବନ୍ଧରେ ସଚେତନତା ଏବଂ ସୁସ୍ଥ ଭାରତ ନିର୍ମାଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ସଂପର୍କରେ ହେବାକୁ ଥିବା ଆଲୋଚନାରେ ସଫଦରଜଙ୍ଗ ହସ୍ପିଟାଲର ଡାକ୍ତର ରୁପାଲୀ ମଲିକ ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ । ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଗର୍ଭବତୀ ମହିଳା, ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମାଆ, ଯୁବତୀ ଏବଂ ଶିଶୁମାନଙ୍କ ପୋଷଣ ସଂପର୍କିତ ବିଭିନ୍ନ ପ୍ରଶ୍ନ' ବିଶେଷଜ୍ଞମାନଙ୍କୁ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଇସ୍ରାଏଲ-ଲେବାନନ୍

ଇସ୍ରାଏଲର ଆକ୍ରମଣରେ ଲେବାନନରେ ୧୦୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦୦ରୁ ଅଧିକ ଆହତ ହୋଇଛନ୍ତି । ଇସ୍ରାଏଲ ସେନା କହିଛି, ଆଜି ସକାଳଠାରୁ ଲେବାନନର ପ୍ରାୟ ୩୦୦ଟି ସ୍ଥାନରେ ଆକ୍ରମଣ କରାଯାଇଥିଲା ।

ଅନ୍ୟପକ୍ଷରେ ଉତ୍ତର ଇସ୍ରାଏଲ ଅଞ୍ଚଳରେ ହିଜବୁଲ୍ଲା ପକ୍ଷରୁ ଏକାଧିକ ରକେଟ୍ ମାଡ଼ କରାଯାଇଛି । ଦକ୍ଷିଣ ଲେବାନନ ଅଞ୍ଚଳରେ ଇସ୍ରାଏଲ' ସାମରିକଘାଟି ଏବଂ ଲଜିଷ୍ଟିକ୍ ଗୋଦାମଗୁଡ଼ିକ ଉପରେ ରକେଟ୍ ମାଡ଼ କରିଥିଲା । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି, ଲେବାନନ୍ ପକ୍ଷରୁ ମଧ୍ୟକୁ ୩୫ଟି ରକେଟ୍ ନିକ୍ଷେପ କରାଯାଇଛି । କେତେକ ସ୍ଥାନରେ ରକେଟ୍‌ଗୁଡ଼ିକୁ ଇସ୍ରାଏଲର ବାୟୁସେନା ଧ୍ୱଂସ କରିଥିବାବେଳେ ଅନ୍ୟ କେତେକ ସ୍ଥାନରେ ଏହା କ୍ଷତି ଘଟାଇଥିଲା ।

## ଝାଡ଼ଖଣ୍ଡ-ଜେପି ନଡ୍ଡା

ଝାଡ଼ଖଣ୍ଡରେ ଆଦିବାସୀ ସମ୍ପ୍ରଦାୟ ସହ ଜେଏମଏମ- ଆରଜେଡି-କଂଗ୍ରେସ ମେଣ୍ଟ ବିଶ୍ୱାସଘାତକତା କରୁଛି ବୋଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ବିଜେପି ଏକମାତ୍ର ଦଳ

ଯିଏକି ଆଦିବାସୀ ଏବଂ ଝାଡ଼ଖଣ୍ଡ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଖୁଣ୍ଟିଠାରେ ପରିବର୍ତ୍ତନ ର୍ୟାଲିକୁ ସମ୍ବୋଧନ କରି ଶ୍ରୀ ନଡ୍ଡା କହିଛନ୍ତି, ଜନଜାତି ସମ୍ପ୍ରଦାୟର ସଂଖ୍ୟା ୪୪ ପ୍ରତିଶତରୁ ୨୮ ପ୍ରତିଶତକୁ ହ୍ରାସ ପାଇଛି। ରୋହିଙ୍ଗ୍ୟାଙ୍କ ସମେତ ଅନୁପ୍ରବେଶକାରୀମାନେ ଜମି ଜବରଦଖଲ କରି ଆଦିବାସୀଙ୍କୁ ବିବାହ କରୁଛନ୍ତି ଏବଂ ଜେଏମଏମ ସେମାନଙ୍କୁ ଭୋଟ ପାଇଁ ପ୍ରୋତ୍ସାହିତ କରୁଛି।

## ମହା-ବସ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ମେଲଘାଟ ଅଞ୍ଚଳରେ ଆଜି ସକାଳେ ଏକ ବସ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଅମରାବତୀରୁ ଧରଣୀ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ନଦୀକୁ ଖସିପଡ଼ିବା ଫଳରେ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଅଚଲପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।